## ସଂକ୍ଷେପରେ

### ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ

ଗୁଣପୁର,୭ା୧(ଡି.ଏନ୍.ଏ)- ଗୁଣପୁର ବ୍ଲକ ଘାନାନ୍ତି ପଞ୍ଚାୟତର ଆମ୍ବାବାଡ଼ି ଏବଂ ପୌର ପରିଷଦ ଅଧୀନ ମହିମା ନଗରଠାରେ ଅଲେଖ ମହିମା ଧର୍ମର ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରାତିତମାମ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଶୁକ୍ରବାର ସକାଳେ ତଥା ପୌଷ ପୂର୍ଣ୍ଣିମାରେ ଏହା ଉଦ୍‌ଯାପିତ ହୋଇଛି। ଏଥିଲାଗି ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟାରେ ଅଲେଖ ମହିମା ଧର୍ମାବଲମ୍ବୀଙ୍କ ସମାଗମ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଆମ୍ବାବାଡ଼ି ଗ୍ରାମକୁ ଯାଇ କାର୍ଯ୍ୟକ୍ରମ ଦେଖି ସାଧୁସନ୍ଥଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମଧ୍ୱନୀ ସ୍ଥାପନ, ଅଖଣ୍ଡବତୀ ପ୍ରଜ୍ୱଳନ, ଝାଡବତି ପ୍ରଜ୍ୱଳନ, ଘୃତାହୁତି, ପ୍ରଭୁନାମ ଭଜନ, ବାଲ୍ୟଲୀଳା, ଚୁଡ଼ାକରଣ ଓ ଧର୍ମାଲୋଚନା ସଭା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ

ଦଶମନ୍ତପୁର,୭ା୧(ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ପୂର୍ବତନ ବୋର୍ଡ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାସ ପ୍ରଧାନୀ ଅଧ୍ୟକ୍ଷତାକରି ସଂଘକୁ ସୁଦୃଢ଼ କରିବାକୁ ହେଲେ ସମସ୍ତ ଶିକ୍ଷକଙ୍କ ସହଯୋଗ ଲୋଡ଼ା ବୋଲି ସଭାପତି ପ୍ରଧାନୀ ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମନ୍ମଥ ମାଣ୍ଡାଙ୍ଗୀ ଯୋଗଦେଇ ସଂଘ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ସିଆର୍‌ସିସି ସଦାଶିବ ପ୍ରଧାନୀ, ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ମହାରଣା, ବରିଷ୍ଠ ଶିକ୍ଷକ ନାରାୟଣ ସାହୁ, ବାମଦେବ ମହାନ୍ତି, ଭୁବନ ମୋହନ ଦଲାଇ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଶିକ୍ଷକ ଯୋଗଦେଇଥିଲେ।

'ମୋ ଗାଁ ଅପରାଧ ମୁକ୍ତ' କାର୍ଯ୍ୟକ୍ରମ

### ଠକେଇ, ଗୁଣିଗାରେଡ଼ି ସହ ନିଶା ନିବାରଣ ଉପରେ ଗୁରୁତ୍ୱ

ମାଥିଲି,୭ା୧(ଡି.ଏନ.ଏ.)-ମାଲକାନଗିରି ଜିଲା ମାଥିଲି ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମରେ 'ମୋ ଗାଁ ଅପରାଧ ମୁକ୍ତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଜନସାଧାରଣଙ୍କୁ କିପରି ଗାଁକୁ ଅପରାଧମୁକ୍ତ କରାଯିବ, ସାଇବର ଠକେଇରେ କିପରି ରୋକେ ଲଗାଯାଇପାରିବ, ଏନେଇ କିପରି ଲୋକେ ସଚେତନ ରହିବେ, ଏପରି ଠକଙ୍କ କବଳରେ ପଡ଼ିଲେ ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇବା, ଗୁଣି ଗାରେଡ଼ିକୁ ବିଶ୍ୱାସ ନ କରିବା, ନାରୀ ସୁରକ୍ଷା ପ୍ରତି ସମସ୍ତେ ଗୁରୁତ୍ୱ ଦେବା, ନିଶା ନିବାରଣ ଲାଗି ସମସ୍ତେ ଉଦ୍ୟମ କରିବାକୁ ଥାନା ଅଧିକାରୀ ରଞ୍ଜନ ମାଝି ପରାମର୍ଶ ଦେଇଥିଲେ। ସେ କହିଲେ, ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତ ସ୍ତରରେ କରାଯାଇ ଲୋକଙ୍କୁ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଏସ୍‌ଆଇ ଅଶ୍ୱନୀ ପ୍ରଧାନ, ଏଏସ୍‌ଆଇ ପ୍ରଦୀପ୍ତ ଖିଲ, ଏଏସ୍‌ଆଇ ପୁରୁଷୋତ୍ତମ ରାଏ, ଅନିଲ ମିଶ୍ର ଉପସ୍ଥିତ ଥିଲେ। ଏହି ବୈଠକରେ ମାଥିଲି ଅଞ୍ଚଳର ବୁଦ୍ଧିଜୀବୀ, ଜନ ପ୍ରତିନିଧି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ, ପ୍ରେରଣା ମହିଳା ଟ୍ରଷ୍ଟ ସଭାନେତ୍ରୀ ସନ୍ତୋଷିନୀ ପାତ୍ର, ବିଷ୍ଣୁପ୍ରିୟା ରାଜଗୁରୁ, ସାମାଜିକ କର୍ମୀ ଜୟନ୍ତ ବେହେରା, ଡ୍ରାଇଭର ମହାସଂଘ ସଭାପତି କେ.ଶିବପ୍ରସାଦ,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଖବରଦାତା ଏମ୍‌ଡି ଆକବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୦ କୁଇଣ୍ଟାଲ ଧାନ, ୨୦ ହଜାର ଟଙ୍କାର ପାଳ ଜଳିଗଲା

ପୃଥକ ସ୍ଥାନରେ ଅଗ୍ନିକାଣ୍ଡ



ରାୟଗଡ଼ା,୭ା୧(ସ୍ୱ.ପ୍ର.)- ପୃଥକ ସ୍ଥାନରେ ନିଆଁଲାଗି ଧାନ ଏବଂ ପାଳ ନଷ୍ଟ ହୋଇଛି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଖୁଦଭଟା ଗ୍ରାମର ଲକ୍ଷ୍ମଣ କର୍ଷିକା ଧାନ କାଟି ନିଜ ଧାନ ଖଳାରେ ରଖିଥିବାବେଳେ ନିଆଁଲାଗି ୩୦ କୁଇଣ୍ଟାଲ ଧାନ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀ ଏହା ଦେଖି ଲକ୍ଷ୍ମଣଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଲକ୍ଷ୍ମଣ ପ୍ରକାଶ କରିଛନ୍ତି। ସେହିପରି ରାୟଗଡ଼ା ସଦର ମହକୁମା କନ୍ଧତୁମ୍ବିଗୁଡ଼ା ଗ୍ରାମରେ ଏକ ପାଳଗଦାରେ ନିଆଁଲାଗି ନଷ୍ଟ ହୋଇଛି। ଗାଁର ସନ୍ୟାସୀ ରାଓଙ୍କ ପାଳଗଦାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ପ୍ରାୟ ୨୦ ହଜାର ଟଙ୍କାର ପାଳ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

# ଚଇତି ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୭ା୧

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' ଜାନୁୟାରୀ ୧୮ ରୁ ୨୧ ପର୍ଯ୍ୟନ୍ତ ପାଳନ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶନିବାର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମହୋତ୍ସବ ପାଇଁ ହେଉଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୈଠକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଉପସ୍ଥିତିରେ ଚଇତି ପ୍ରସ୍ତୁତି ଦାୟିତ୍ୱରେ ଥିବା ଉପ ସମିତିର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

ଜାନୁୟାରୀ ୧୨ରୁ ୨୯ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଆୟୋଜନ ହେଉଥିବାରୁ ଏହି ସମୟରେ ରାଜ୍ୟରେ ଜିଲାସ୍ତରୀୟ ମହୋତ୍ସବର ଆୟୋଜନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ମହୋତ୍ସବକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ କରାଯିବ। ଚଇତିକୁ ସରସ ଓ ସୁନ୍ଦର କରିବା ନିମନ୍ତେ ସମସ୍ତ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଆହ୍ୱାନ କରିଛନ୍ତି। ସଂସ୍କୃତି, ମଞ୍ଚ ପରିଚାଳନା, ଶୋଭାଯାତ୍ରା, ପ୍ରଚାର ପ୍ରସାର, ଖାଦ୍ୟ, ସ୍ମରଣିକା, ରହଣି ଓ ଥଇଥାନ, ପରିବହନ , ପ୍ରଦର୍ଶନୀ, ନିମନ୍ତ୍ରଣ ଆଦି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ଆଇଟିଡିଏ ପିଏ ପଦ୍ମଚରଣ ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲେନୁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ନାଏକ, ଓର୍ମାସ୍ ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ଜିଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ, ରାୟଗଡା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଗନ୍ତାୟତ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଏଡିଓ ପ୍ରମୁଖ ଉପସ୍ଥିତ ଥିଲେ।

## ହକିର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ବାଳନିକେତନରେ ସ୍ୱତନ୍ତ୍ର ବ୍ୟବସ୍ଥା



ଅନୁଷ୍ଠାନକୁ ସଜାଯାଇଛି।

ଗୁଣପୁର, ୭ା୧(ଡି.ଏନ୍.ଏ.)

ଆଉ କିଛିଦିନ ପରେ ଓଡ଼ିଶାରେ ଆରମ୍ଭ ହେବ ପୁରୁଷ ବିଶ୍ୱକପ୍ ହକି । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାରା ବିଶ୍ୱର ନଜର ଓଡ଼ିଶା ଉପରେ । ଏହାକୁ ସଫଳତାର ସହ କରାଇବା ଓ ଏହାର ବ୍ୟାପକ ପ୍ରଚାରପ୍ରସାର କରି ରାଜ୍ୟର କୋଣ ଅନୁକୋଣରେ ହକିକୁ ପହଞ୍ଚାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଧୀନ ଲିମାମେଡାରେ ଥିବା ବାଳନିକେତନ ଶିଶୁପଦ୍ମ ଅନୁଷ୍ଠାନରେ ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅନୁଷ୍ଠାନ ପରିସରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯିବା ସହ ବିଭିନ୍ନ ବ୍ୟାନର, କାନ୍ଥ ଚିତ୍ର କଳା ମାଧ୍ୟମରେ ହକିମୟ ପରିବେଶ ସୃଷ୍ଟି କରାଯାଇଛି । ଅନ୍ତେବାସୀ ଓ କର୍ମଚାରୀମାନଙ୍କୁ ହକି ଲୋଗ ରହିଥିବା ପୋଷାକ ପ୍ରଦାନ କରାଯାଇଛି। ହକି ସଙ୍ଗୀତ, ହକି ସମ୍ବନ୍ଧୀୟ ତଥ୍ୟ ଓ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପାଇଁ ପ୍ରୋଜେକ୍ଟର ଓ ସାଉଣ୍ଡ ବ୍ୟବସ୍ଥା କରାଯାଇଛି। ୨୯ତାରିଖ ପର୍ଯ୍ୟନ୍ତ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଯୁଏଆଇଏଲରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଆରମ୍ଭ

ଟିକିରି,୬ା୧(ଡି.ଏନ୍.ଏ.)

ଯକ୍ଷ୍ମା(ଟିବି)ରୋଗରୁ ମୁକ୍ତି ପାଇଁ 'ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ' ଚାଲିଛି। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମଧ୍ୟ ଏହି ଅଭିଯାନରେ ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ(ୟୁଏଆଇଏଲ)ଠାରେ ଗୁରୁବାର ଟିବି ମୁକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ଉତ୍କଳ ଆଲୁମିନା ଜିଲା ପାଇଁ ନି-କ୍ଷୟ ମିତ୍ର ଭାବେ ନିଯୁକ୍ତ ହୋଇଛି। ଏଥିରେ କମ୍ପାନି କାଶୀପୁର ବ୍ଲକର ୨୪ ଯକ୍ଷ୍ମାରୋଗୀଙ୍କୁ ୬ ମାସ ପର୍ଯ୍ୟନ୍ତ ଯତ୍ନ ନେବାକୁ ଗ୍ରହଣ କରିଛି। ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଏବଂ ଉତ୍କଳ ଆଲୁମିନା ୟୁନିଟ ମୁଖ୍ୟ ମଜହର ବେଗ୍ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏଥିରେ ଡା. ମମତା ସାହୁ (ଏଡିପିଏଚ୍‌ଓ, ଟିବି), ଡ. ଡି.କେ. ଦେବ(ଟିବି ଆଣ୍ଡ ଚେଷ୍ଟ ସ୍ପେଶାଲିଷ୍ଟ), ମେଡିକାଲ ଅଫିସର ଇନ୍‌ଚାର୍ଜ ଡା. ଜନ୍ମେଜୟ ଦାସ, ଉତ୍କଳ ଆଉମିନା ହେଡ୍ ସିଏସ୍‌ଆର, ସିଆର୍ ଆଣ୍ଡ ସସ୍‌ଟେନାବିଲିଟି ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଉତ୍କଳ ହସ୍ପିଟାଲର ସିଏମ୍‌ଓ ଡା. ଅରିନ୍ଦମ ରାୟ ଚୌଧୁରୀ ପ୍ରମୁଖ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳ ଆଲୁମିନା ପକ୍ଷରୁ ୨୪ ରୋଗୀଙ୍କୁ ନି-କ୍ଷୟ କିଟ୍ ପ୍ରଦାନ କରାଯାଇଥିଲା। ଏଥିସହ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଉତ୍କଳ ଆଲୁମିନା ବେସରକାରୀ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସୁବିଧାରେ ନିୟୋଜିତ ଡାକ୍ତରଓ ପାରାମେଡିକାଲ କର୍ମଚାରୀଙ୍କ ନିମନ୍ତେ ସମ୍ବେଦୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍କଳ ଅଲୁମିନାର ଏଭଳି ପ୍ରୟାସ ଯୋଗୁ ଜିଲା ଯକ୍ଷ୍ମାମୁକ୍ତ ହେବାରେ ସହାୟକ ହେବ ବୋଲି ସିଡିଏମ୍‌ଓ ରାଉତରାୟ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ସଙ୍କଟ ଓ ମହାମାରୀ ମୁକାବିଲା ଦିଗରେ ପୂର୍ବରୁ ଜିଲା ପ୍ରଶାସନ ଏବଂ ୟୁଏଆଇଏଲର ମିଳିତ ପଦକ୍ଷେପ ଉପରେ ୟୁଏଆଇଏଲ ୟୁନିଟ ମୁଖ୍ୟ ବେଗ୍ ଗୁରୁତ୍ୱାରୋପ କରିଥିଲେ। କମ୍ପାନି ସବୁବେଳେ ପ୍ରଶାସନ ସହ ହାତ ମିଳାଇ ସ୍ୱାସ୍ଥ୍ୟଗତ ସଙ୍କଟରୁ ସୁରକ୍ଷା ଦେବାରେ ପ୍ରତିବଦ୍ଧ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଟିଇ ଡିପିସି କିଶୋର ମହାନ୍ତି, ପିପିପି ସିଓ ସୁସ୍ମିତା ମହାରଣା, ଏସ୍‌ଟିଏସ୍ ସୁଶାନ୍ତ ବେହେରାଙ୍କ ସମେତ ଉତ୍କଳ ଆଲୁମିନା ଲିଆସନ, ସିଏସ୍‌ଆର ଆଣ୍ଡ ସଷ୍ଟେନାବିଲିଟି ଟିମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ସିଡିଏମ୍‌ଓ, ୟୁଏଆଇଏଲ୍ ୟୁନିଟି ମୁଖ୍ୟ ଓ ଅନ୍ୟ ଅତିଥି ।

### ଦୁର୍ଘଟଣାରେ ଶିକ୍ଷୟିତ୍ରୀ ଗୁରୁତର

ବୈପାରିଗୁଡ଼ା,୭ା୧(ଡି.ଏନ୍.ଏ.)

ସ୍କୁଲ ଯିବାବେଳେ ଜଣେ ଶିକ୍ଷୟିତ୍ରୀ ଗାଡ଼ିରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ରତାଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଜଗଦେ। ଶିକ୍ଷୟିତ୍ରୀ ଜଣକ ଶନିବାର ସକାଳୁ ଜଣେ ଶିକ୍ଷକଙ୍କ ବାଇକ୍‌ରେ ବସି ସ୍କୁଲ ଯାଉଥିଲେ। ବାଲିଗାଁ ଛକରେ ଚାଳକ ବ୍ରେକ୍ ମାରିବା ସମୟରେ ଜ୍ୟୋତିର୍ମୟୀ ବାଇକ୍‌ରୁ ଖସି ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଫାଟିଯିବା ସହ ପାଟି ଓ ନାକରୁ ରକ୍ତ ବାହାରୁଥିଲା। ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ହେବାରୁ କଟକର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### କୋରୁକୋଣ୍ଡା ପଞ୍ଚାୟତରେ ଗ୍ରାମସଭା

କୋରୁକୋଣ୍ଡା ୭ା୧(ଡି .ଏନ. ଏ.)

ଗ୍ରାମାଞ୍ଚଳର ଉନ୍ନତି ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶନିବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ବୈଠକ ଗୃହରେ ଜନ ସହଭାଗିତା ଅଭିଯାନ-୨୦୨୨-୨୩ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ପଦ୍ମା ମଡକାମି ସଭାପତିତ୍ୱ କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ସିମାଞ୍ଚଳ ନାୟକ ପରିଚାଳନା କରିଥିଲେ । ବୈଠକରେ ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଉପସ୍ଥିତ ଥିଲେ । ବୈଠକରେ କୋରୁକୋଣ୍ଡା ପଞ୍ଚାୟତ ଅଧୀନରେ ଥିବା ୨୦ଟି ୱାର୍ଡର ସାଧାରଣଙ୍କ ସମସ୍ୟା ଯଥା ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ସହିତ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆବେଦନ ଗ୍ରହଣ କରାଯାଇଛି।

### ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୭ା୧ (ନି.ପ୍ର.)

ସାଉଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୟପୁର ବ୍ଲକ ପକ୍ଷରୁ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ସଂଘ ସଭାପତି ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସଂପାଦକ ମହେଶ୍ୱର ମିଶ୍ରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁଦୃଢ଼ ସଂଘୀୟ ବ୍ୟବସ୍ଥା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉତ୍ସର୍ଗୀକୃତ ଦୃଷ୍ଟିଭଙ୍ଗୀ ପ୍ରଶଂସନୀୟ ବୋଲି ସେ କହିଥିଲେ। ଲକ୍ଷ୍ମୀକାନ୍ତ ପାଢୀ, ହରିଶ୍ଚନ୍ଦ୍ର ରାଓ, ଉପେନ୍ଦ୍ର ରଥ, ତ୍ରିପତି ରାଇ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିରିକ୍ତ ଜିଲା ଜଜ୍ ଓ ଅନ୍ୟ ଅତିଥି।

ଉମରକୋଟ, ୭ା୧(ସ୍ୱ.ପ୍ର.)

ଉମରକୋଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟକୁ ପହଞ୍ଚାଇବା ଏହି ଶିବିରର ମୂଳ ଲକ୍ଷ୍ୟ। ଅତିରିକ୍ତ ଜିଲା ଜଜ ଗିରିଜା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଦିନ ଖବରକାଗଜ ପଢିଲେ ଅନେକ ବିଷୟରେ ଜାଣିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉମରକୋଟ ବ୍ଲକ ଅଧ୍ୟକ୍ଷା, ତହସିଲଦାର ଏନ୍ ଜଗଜ୍ଜୀବନ ଚୌଧୁରୀ, ବିଡିଓ ଡକ୍ଟର ହିମାଞ୍ଚଳ ମାଝୀ, ପୋଲିସ ଏସଡିପିଓ ଶୁଭେନ୍ଦୁ ଶବର, ସେବା କମିଟି ସଭ୍ୟ ସମାଜିକ କର୍ମୀ କାଜାମ ମାଦାନି, ବରିଷ୍ଠ ଆଇନଜୀବୀ ଆଶୋକ ପାଢି ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ତାଲୁକ୍ ଆଇନ ସେବା କମିଟି କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ତହସିଲଦାର ବିଭିନ୍ନ ରାଜସ୍ୱ ଆଇନ ଓ ବିଡିଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଇନ ଉପରେ ମନ୍ତବ୍ୟ ରଖିଥିଲେ। ସେହିଭଳି ପୋଲିସ ଉପଖଣ୍ଡ ଅଧିକାରୀ ଆଇନ ଶୃଙ୍ଖଳା ଉପରେ ନିଜ ମନ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ କାଜାମ ମାଦାନି ବାଲ୍ୟ ବିବାହ ଓ ଚେଙ୍ଗ ବିରୋଧରେ ଆଇନ ସଚେତନା ଉପରେ ଗୁରୁତ୍ୱ ଦେଇଥିଲେ। ଆଇନଜୀବୀ ଅଶୋକ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

## ରାଜ୍ୟ ଉଠା ଜଳସେଚନ ପ୍ରକଳ୍ପ ନିଗମ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୭ା୧(ବି.ପ୍ର.)

ରାଜ୍ୟ ଉଠାଜଳସେଚନ ପ୍ରକଳ୍ପ ନିଗମର ଉପଦେଷ୍ଟା ଭାବେ ପ୍ରମୋଦ ପାଢ଼ିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ନବରଙ୍ଗପୁର ସର୍କିଟ ହାଉସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ ଦାସ ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲାର ୫୦ ପ୍ରତିଶତ ଜଳସେଚନ ଉଠାଜଳସେଚ ମାଧ୍ୟମରେ ହୋଇପାରୁଛି। ଜିଲାରେ ନଦୀ ଓ ନାଳ ଭରି ହୋଇ ରହିଛି। ଉଠାଜଳସେଚନ ପ୍ରକଳ୍ପ ପାଇଁ ଭିତ୍ତିଭୂମି ରହିଛି। ଉଠାଜଳସେଚନ ପ୍ରକଳ୍ପର ଉପଦେଷ୍ଟାଭାବେ ପାଢ଼ିଙ୍କଠାରୁ ଜିଲାର ପ୍ରକଳ୍ପକୁ ନେଇ ବହୁତ କିଛି ଆଶା କରାଯାଉଛି ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୋଲିସ ଉପରକୁ ଆକ୍ରମଣ



**୩ କର୍ମଚାରୀ ଗୁରୁତର, ଗୃହରକ୍ଷୀ ଅଟକ**

ରାଜାବନ୍ଧ ଗ୍ରାମକୁ ଯାଇଥିବା ପୋଲିସ ।

ମାଲକାନଗିରି,୭ା୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଓର୍କେଲ ଥାନା ଅନ୍ତର୍ଗତ ରାଜାବନ୍ଧ ଗ୍ରାମ ନିକଟରେ ଶନିବାର ପୋଲିସ ଗଞ୍ଜେଇ ଚାଷ ଉପରେ ଚଢାଉ କରିଛି। ଓର୍କେଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ଗଞ୍ଜେଇ ଗଛ ନଷ୍ଟ କରିବାକୁ ରାଜାବନ୍ଧ ଗ୍ରାମ ଦେଇ ଯିବା ବେଳେ ସେମାନଙ୍କୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ସେଠାରେ ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଗ୍ରାମବାସୀଙ୍କ ଆକ୍ରମଣରେ ୩ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଜଣେ ହୋମଗାର୍ଡଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ତେବେ ଏ ସମ୍ପର୍କରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକ୍ସିୟସ୍ କିସ୍ପଟା ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କଲା କରିଥିଲେ। ପରେ ସେମାନେ ଅଟକ ରଖିଥିବା ହୋମଗାର୍ଡଙ୍କୁ ଛାଡିଥିଲେ।

## ଦରମା ଦାବିରେ ଟ୍ରକ୍‌କୁ ଅଟକ ରଖିଲେ କର୍ମଚାରୀ

ଜୟପୁର,୭ା୧(ନି.ପ୍ର.)

**ସେବା କାଗଜକଳରେ ଶ୍ରମିକ-କର୍ମଚାରୀ ଅଶାନ୍ତି**

ଜୟପୁରସ୍ଥିତ ସେବା କାଗଜକଳରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଯେଉଁ ଅଧା ଦରମା ମିଳୁଥିଲା ଏବେ ୩ ମାସ ହେଲା ତାହା କାଗଜକଳ ମ୍ୟାନେଜମେଣ୍ଟ ଆଦୌ ଦେଉନାହିଁ। ଅଳ୍ପ ଦରମାରେ ନିଯୁକ୍ତ ଅଫିସର, ସ୍ଥାୟୀ ଶ୍ରମିକ, ଠିକା ମଜଦୁର, ସିକ୍ୟୁରିଟି ଗାର୍ଡମାନେ ମଧ୍ୟ ଦରମା ପାଉନାହାନ୍ତି। ସେମାନେ ବହୁ ଅଭାବ ଅସୁବିଧାରେ ଦିନ କାଟୁଛନ୍ତି। ଏହାସତ୍ତ୍ୱେ ସେମାନେ କାର୍ଯ୍ୟ ବନ୍ଦ କରିନାହାନ୍ତି। ଏହା ଅସହ୍ୟ ହେବାରୁ ଶନିବାର ଶ୍ରମିକ କର୍ମଚାରୀମାନେ ଦରମା ଦାବିରେ କାଗଜ ନେଇ ବାହାରକୁ ଯାଉଥିବା ଟ୍ରକ୍‌କୁ ଅଟକ ରଖିଛନ୍ତି।

ଖବରରୁ ଜଣାପଡ଼ିଛି, କାଗଜକଳ ପାଇଁ ବିଭିନ୍ନ ସାମଗ୍ରୀ କିଣିବା ଲାଗି ଅର୍ଥ ଖର୍ଚ୍ଚ କରୁଥିବା ବେଳେ ପରିଚାଳନା କମ୍ପାନୀ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ଦେଉନାହିଁ। ଏହାର ପ୍ରତିବାଦରେ ସ୍ଥାୟୀ ଶ୍ରମିକଙ୍କ ୪ଟି ଯାକ ୟୁନିୟନ ଏକାଠି ହୋଇ ଏକ ବୈଠକରେ କାଗଜକଳରୁ ଉତ୍ପାଦିତ କାଗଜକୁ ବାହାରକୁ ନ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସେମାନେ ପୂର୍ବରୁ ଲିଖିତ ରୂପେ ମ୍ୟାନେଜମେଣ୍ଟକୁ ଜଣାଇଥିଲେ। ଦରମା ଦାବିରେ ଶନିବାରଠାରୁ ଶ୍ରମିକମାନେ କାଗଜ ନେଇ ଯାଉଥିବା ଟ୍ରକ୍‌କୁ ଅଟକ ରଖି ଛାଡ଼ି ନାହାନ୍ତି। ଅନ୍ୟପକ୍ଷରେ ମ୍ୟାନେଜମେଣ୍ଟର କଥା ଓ କାର୍ଯ୍ୟ ଭିତରେ ଫରକ ରହୁଛି। ମ୍ୟାନେଜମେଣ୍ଟର ଉଚ୍ଚ ଅଧିକାରୀମାନଙ୍କ କଥାକୁ ନେଇ ଅନେକ ସମୟରେ ବିଭ୍ରାନ୍ତ ସୃଷ୍ଟି ହୋଇଛି। ମଦର ଆର୍ଥ କମ୍ପାନୀର ନିର୍ଦ୍ଦେଶକଙ୍କୁ ପଚାରିଲେ ସେ ମାର୍ଚ୍ଚ ପରେ କ'ଣ ହେବ କହିପାରିବେ ନାହିଁ ବୋଲି କହୁଛନ୍ତି। ପ୍ରଥମରୁ ଥାପର ଗ୍ରୁପ୍ ମଦର ଆର୍ଥ କମ୍ପାନୀକୁ ମ୍ୟାନେଜମେଣ୍ଟ ସହାୟତା କରିବା ଏବଂ କାଗଜକଳର ଦୁଇଟି ଯାକ ମେଶିନ ଚଳାଇବା ନେଇ ୩ ବର୍ଷ ପାଇଁ ଯେଉଁ ବୁଝାମଣା ହୋଇଥିଲା ତାହାର ଅବଧି ଆସନ୍ତା ଫେବୃୟାରୀ ୨୬ତାରିଖରେ ପୂରିବ। ଫଳରେ ମାର୍ଚ୍ଚ ପରେ କାଗଜକଳ ଅବସ୍ଥା କ'ଣ ହେବ ସେନେଇ ଏବେଠାରୁ କମ୍ପାନୀ ନିର୍ଦ୍ଦେଶକ ସଂଶୟ ପ୍ରକାଶ କଲେଣି। ଏପରି ସ୍ଥିତିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି।

## ସ୍ୱାଭିମାନ ଅଞ୍ଚଳରେ ଘୋଡ଼ା ଦୌଡ଼ ପ୍ରତିଯୋଗିତା

ମାଲକାନଗିରି/ଚିତ୍ରକୋଣ୍ଡା, ୭ା୧(ଡି.ଏନ୍.ଏ.)

- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ
- ଇଂରେଜ ଅମଳରୁ ହେଉଥିଲା ଘୋଡ଼ାର ବ୍ୟବହାର
- ଶ୍ରୀନୁ ହନ୍ତାଳ ପ୍ରଥମ, ଦିଶୁ ପାଙ୍ଗୀ ଦ୍ୱିତୀୟ

ଦୀର୍ଘ ୨ବର୍ଷ ପରେ ଚଳିତ ବର୍ଷ ଆସନ୍ତା ୧୫ ତାରିଖରୁ ୩ ଦିନ ଧରି ମାଲକାନଗିରି ଜିଲାରେ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଜିଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତର ଲାଉଗୁଡ଼ାଠାରେ ପ୍ରଥମକରି ଘୋଡ଼ା ଦୌଡ଼ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପାପରମେଟଲା, ଧୂଳିପୁଟ ଓ ରାଲେଗେଡ଼ା ପଞ୍ଚାୟତର ୩୦ଜଣ ଘୋଡ଼ା ଆରୋହୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ କୋଟପାଲିର ଶ୍ରୀନୁ ହନ୍ତାଳ ପ୍ରଥମ, ଲୁଚାପାଣି ଗ୍ରାମର ଦିଶୁ ପାଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ବିଜୟୀ ଘୋଡ଼ାଚାଳକମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରିଙ୍କ ସହ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନରସିଂହ ସିନ୍ଧେରି ଓ ପିଇଓ ରମେଶ ଚନ୍ଦ୍ର ଆୟାର ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଇଂରେଜ ସରକାର ସମୟରେ ମାଲକାନଗିରି ଜିଲା ତତ୍କାଳୀନ ବିଜୟନଗରମ ରାଜାଙ୍କ ଅଧୀନରେ ଥିବା ବେଳେ ସେହି ସମୟରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତକୁ ଲାଗି ଡମ୍ବଗଡ଼ ରାଜାଙ୍କ ଏକ କାର୍ଯ୍ୟାଳୟ ରହିଥିଲା । ସେଠାରେ ସୈନ୍ୟ ସାମନ୍ତ ଏବଂ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଥିଲା। ସୈନ୍ୟମାନଙ୍କ ପାଇଁ ଘୋଡ଼ା ରଖାଯାଇଥିଲା। ଫଳରେ ସୈନ୍ୟମାନଙ୍କ ସହ ଅଞ୍ଚଳବାସୀ ପାହାଡ଼ ପର୍ବତ ଅତିକ୍ରମ କରି ସେମାନଙ୍କ ଦୈନନ୍ଦିନ ସାମଗ୍ରୀ ଖରିଦ ଓ ବିକ୍ରି ପାଇଁ ଘୋଡ଼ାରେ ବିଭିନ୍ନ ସ୍ଥାନକୁ ଯାଉଥିଲେ। ସ୍ୱାଭିମାନ ଅଞ୍ଚଳର ଡମ୍ବଗଡ଼ରେ ଏବେ ମଧ୍ୟ ତତ୍କାଳୀନ ଦେବଦେବୀଙ୍କ ପଥର ମୂର୍ତ୍ତି ଭଗ୍ନାବସ୍ଥାରେ ରହିଛି। ଘୋଡ଼ାମାନଙ୍କୁ ଗାଧୋଇବା ଓ ପାଣି ପିଇବା ପାଇଁ ନଦୀରେ ଘୋଡ଼ା ତୁଠ ରହିଛି। ଏହି ସ୍ଥାନ ଏବେ ଗୁରୁପ୍ରିୟା ନାମରେ ନାମିତ ହୋଇଛି। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଲା ପରେ ତତ୍କାଳୀନ କୋରାପୁଟର ପ୍ରଥମ ଜିଲାପାଳ ଜି.ଏସ୍. ବେଲ୍ ଡମ୍ବଗଡ଼ ସମ୍ପର୍କରେ ଗେଜେଟରେ ଉଲ୍ଲେଖ କରିଛନ୍ତି। ଏହି ଗେଜେଟ୍ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଚ୍ଛିତ ରହିଛି।



ପ୍ରତିଯୋଗିତାରେ ସାମିଲ ହୋଇଥିବା ଘୋଡ଼ା।

# ଅପହଞ୍ଚ ଅଞ୍ଚଳର ପ୍ରତିଭାଙ୍କୁ ଜାତୀୟ ସ୍ତରକୁ ନେବା ଲକ୍ଷ୍ୟ


ଚଇତି ମଞ୍ଚରେ ଉପସ୍ଥିତ ଅତିଥି ।

## ମୁନିଗୁଡ଼ା ବ୍ଲକସ୍ତରୀୟ ଚଇତି

ମୁନିଗୁଡ଼ା,୭ା୧(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା, ବିଡିଓ ଦିଲୀପ କୁମାର ବେହେରା, ତହସିଲଦାର ଦେବାଶିଷ ଗୌଡ଼, ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ଜିଲା ପରିଷଦ ସଦସ୍ୟ ମାଧବୀ କନ୍ଧପାଣି ପ୍ରମୁଖ କଳସ ସ୍ଥାପନ କରି ଚଇତିର ଶୁଭାରମ୍ଭ କରିଥିଲେ। ମୁନିଗୁଡ଼ା ବ୍ଲକ ପକ୍ଷରୁ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଏସ୍‌କେଓ୍ୱାଇର ଉପଦେଷ୍ଟା ସୁଧୀର କୁମାର ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା, କୋରାପୁଟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡରୁକା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉପଦେଷ୍ଟା, ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଲୋକ ସଂସ୍କୃତିର ଉତ୍ଥାନ ଦିଗରେ ଚଇତିର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଅପହଞ୍ଚ ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଜାତୀୟ ସ୍ତରରେ ପରିଚିତ କରାଇବା ଉତ୍ସବର ମୁଖ୍ୟ ଲକ୍ଷ ବୋଲି କହିବା ସହ କଳାକାର ମାନଙ୍କୁ ପ୍ରସଂଶା କରିଥିଲେ।


 କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଲୋକନୃତ୍ୟ ଓ ବାଦ୍ୟରେ ମଞ୍ଚ ଦୁଲୁକିଥିଲା। ଅନେକ ଛାତ୍ରୀଛାତ୍ର ସେମାନଙ୍କ କାଳାତ୍ମକ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। କୋଟିଆ କନ୍ଧ ଲୋକନୃତ୍ୟ, ଡଙ୍ଗରିଆ କନ୍ଧ ଲୋକନୃତ୍ୟ, ସମ୍ବଲପୁରୀ, ଓଡ଼ିଶୀ ଓ ଅନ୍ୟ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଅତିଥିମାନେ ଗୋଷ୍ଠୀଗତ ଖବର ପରିବେଷଣ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ପ୍ରେସ୍‌କ୍ଲବର ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ସେହିପରି ସାଂସ୍କୃତିକ ନୃତ୍ୟ, ଗୀତରେ ମୁନିଗୁଡ଼ା ହାଇସ୍କୁଲ, ଉଚ୍ଚ ବାଳିକା ବିଦ୍ୟାଳୟ, ତେଲେଙ୍ଗାପଦର ହାଇସ୍କୁଲ ଆଦି ଅନେକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। କୃଷି ଓ ବୈଷୟିକ ସହାୟକ ଉତ୍ତମ କୁମାର ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁନିଗୁଡ଼ା ବ୍ଲକ ପରିବାର ଓ ସମସ୍ତ ପଞ୍ଚାୟତ ଲୋକ ପ୍ରତିନିଧି, କର୍ମଚାରୀ, ଏସ୍‌ଏଚ୍‌ଜି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ବିଷମକଟକ ବ୍ଲକସ୍ତରୀୟ ଚଇତି ମହୋତ୍ସବ

ବିଷମକଟକ,୭ା୧(ଡି.ଏନ୍.ଏ.)



ବିଷମକଟକରେ ବାହାରିଥିବା ମଶାଲ ଶୋଭାଯାତ୍ରା ।

ବିଷମକଟକ ବ୍ଲକରେ ଲୋକ ମହୋତ୍ସବ 'ଚଇତି' ପାଳିତ ହୋଇଯାଇଛି। ସକାଳେ ମାଁ ମାର୍କମା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଚଇତି ମଶାଲକୁ ବ୍ଲକ ଅଧ୍ୟକ୍ଷା ବିଶାଳ ଶୋଭାଯାତ୍ରାରେ ଦୋଳ ମଣ୍ଡପ ସ୍ଥିତ ଚଇତି ମଣ୍ଡପକୁ ନେଇଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମକଟକ ସରପଞ୍ଚ ନମିତା କୁଲେଶିକା, ବିଡିଓ ସଦାଶିବ ନାୟକ, ମାଁ ମାର୍କମା ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଉଟନାଣ୍ଟ ବି. ରବିଶଙ୍କର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦିଲୀପ କୁମାର ପଟ୍ଟନାୟକ, ପୂର୍ବତନ କ୍ରୀଡ଼ା ଶିକ୍ଷକ ତ୍ରିନାଥ ଗୌଡ଼, ଡି. ଶିବ ପ୍ରସାଦ, ରବିନ୍ଦ୍ରନାଥ ପଣ୍ଡାଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଏନ୍‌ସିସି କ୍ୟାଡେଟ, ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚଇତି ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ବିଭାଗ ଦ୍ୱାରା ଖୋଲାଯାଇଥିବା ଷ୍ଟଲର ଉଦ୍‌ଘାଟନ କରିଥିଲେ।

ଚଇତି ମଣ୍ଡପରେ ଆୟୋଜିତ ସାଧାରଣ ସଭାରେ ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ତହସିଲଦାର ଶୁଭେନ୍ଦୁ ଜେନା, ଗବେଷକ ଶ୍ରୀରଙ୍ଗ ନାୟକ, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମୁରିକା, ସୁଜାତା କାଡ୍ରାକା, ଆଦିବାସୀ ସଂଘ ସମ୍ପାଦକ ଗୌତମ ଉଲାକା, ଅବସରପ୍ରାପ୍ତ ବିଇଓ ବଟକୃଷ୍ଣ ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସିଆର୍‌ସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଚଇତି ପଡ଼ିଆ ପରିସରରେ ମିଲେଟ ମିଶନ, ମିଶନ ଶକ୍ତି, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ ବିଭାଗ, ଆର୍‌ଡବ୍ଲ୍ୟୁଏସ୍‌ଏସ୍, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଏବଂ ଏନ୍‌ଜିଓ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ବିଭିନ୍ନ ପ୍ରକାର ଖେଳ ଓ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଥିବା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଏସ୍‌କେଓ୍ୱାଇ ଉପଦେଷ୍ଟା ସୁଧୀର କୁମାର ଦାସ, ଓବିସି ଓ ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗର ଉପଦେଷ୍ଟା ପୃଥ୍ୱୀରାଜ ସାହୁ, କୁର୍ଲି ସରପଞ୍ଚ ସୁବର୍ଦ୍ଧିନୀ ୱାଡକା ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ମଦଦୋକାନରୁ ଚୋରି

ରାୟଗଡ଼ା,୭ା୧(ସ୍ୱ.ପ୍ର.)- ରାୟଗଡ଼ା ସହରର ଏକ ଠିପିବନ୍ଦ ମଦ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ପଛପାର୍ଶ୍ୱ କବାଟର ତାଲା ଭାଙ୍ଗି କ୍ୟାଶ୍ କାଉଣ୍ଟରରୁ ୮୦ ହଜାର ଟଙ୍କା ଚୋରି କରି ନେଇଥିବା ଦୋକାନ ମ୍ୟାନେଜର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଏସ୍‌ବିଆଇ ସମ୍ମୁଖରେ ଥିବା ମଦ ଦୋକାନକୁ ରାତିରେ ମ୍ୟାନେଜର ବନ୍ଦ କରି ଯାଇଥିଲେ। ସକାଳେ ଦୋକାନ ମ୍ୟାନେଜର ଦୋକାନ ଖୋଲିବା ବେଳେ ପଛପାର୍ଶ୍ୱ କବାଟର ତାଲା ଭାଙ୍ଗିଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ସିସି କ୍ୟାମେରା ଭାଙ୍ଗି ଟଙ୍କା ଓ ମଦ ଚୋରିକରି ନେଇଛନ୍ତି। ଏହା ଜାଣିବା ପରେ ମ୍ୟାନେଜର ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସହରରେ ପୁଣି ଚୋରି ବଢ଼ୁଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଇବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହୋଇଛି।

### ଚଇତି ଉତ୍ସବରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

ଚନ୍ଦ୍ରପୁର,୭ା୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ଠାରେ ଶନିବାର ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଳନ କରାଯାଇଛି। ହେଲେ ଏଠାରେ ଲୋକ ମହୋତ୍ସବର ପ୍ରଚାର ପ୍ରସାର ଦିଗରେ ବ୍ଲକ ପ୍ରଶାସନ ପକ୍ଷରୁ ସେଭଳି ଆଗ୍ରହ ଦେଖିବାକୁ ମିଳିନାହିଁ। ଜିଲା ପ୍ରଶାସନ ପକ୍ଷରୁ ଲୋକ ମହୋତ୍ସବର ପ୍ରଚାର ପ୍ରସାର ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଥିବାବେଳେ ଚନ୍ଦ୍ରପୁର ବ୍ଲକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ସବ ବିଷୟରେ ଅବଗତ କରାଯାଇନାହିଁ। ନିକଟରେ ଜିଲାସ୍ତରୀୟ ଚଇତି ପାଇଁ ଚନ୍ଦ୍ରପୁରର ପ୍ରସିଦ୍ଧ ମିନାଝୋଲା ଠାରେ ଗଙ୍ଗା ଆବାହନ କରାଯାଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକ ମହୋତ୍ସବ ଚଇତିର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଇଥିଲେ। ହେଲେ ଚନ୍ଦ୍ରପୁର ବିଡିଓ ଏ ଦିଗରେ ଆଗ୍ରହ ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଜିଲାର ସମସ୍ତ ବ୍ଲକରେ ଚଇତି ଆଡମ୍ବରରେ ପାଳନ କରାଯିବା ସହ ମହୋତ୍ସବର ପ୍ରଚର, ପ୍ରସାରକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଚନ୍ଦ୍ରପୁର ବ୍ଲକରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହାକୁ ନେଇ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଏସ୍. ଈଶ୍ୱର ରାଓ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ବ୍ଲକ ଭାଜପା ମଣ୍ଡଳ ସଭାପତି ପ୍ରିୟ ରଞ୍ଜନ ସାହୁକାର, ସାମାଜିକକର୍ମୀ ବିଜୟ ପ୍ରସାଦ ଉଲାକା ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା କରାଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଛାତ୍ର ସଂସ୍କୃତି ଜ୍ଞାନ ପରୀକ୍ଷା

ଗୁଣପୁର,୭ା୧(ଡି.ଏନ୍.ଏ)- ଗୁଣପୁରର ୭ କେନ୍ଦ୍ରରେ ଶନିବାର ଛାତ୍ର ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ପକ୍ଷରୁ ଏହି ପରୀକ୍ଷା ହୋଇଥିଲା। ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଏହାର ପରିଚାଳନା କରାଯାଇଥିଲା। ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଆଧାର କରି ଏହି ପରୀକ୍ଷା ହୋଇଥିଲା। ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ୩୦୦ ଏବଂ ଅନ୍ୟ କେନ୍ଦ୍ର ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ଗାନ୍ଧୀ ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ପବ୍ଲିକ ସ୍କୁଲ, ବିକ୍ରମପୁର ଉଚ୍ଚବିଦ୍ୟାଳୟ, ମାଠିଆ ସାହି ପ୍ରାଥମିକ ବିଦ୍ୟାଳୟ କେନ୍ଦ୍ରରେ ୫୦୨ ଏପରି ୭ଟି କେନ୍ଦ୍ରରେ ମୋଟ ୮୦୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରୀକ୍ଷା ପ୍ରମୁଖ କିଶୋର ଚନ୍ଦ୍ର ସାହୁ ଏହାର ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା।

## ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଗୁଣପୁର,୭ା୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ରେଗଡ଼ା ପଞ୍ଚାୟତ ସଦର ଗାଁରେ (ପୋଷ୍ୟ ଗାଁ) ସେବା ଯୋଜନାର ୟୁନିଟ୍-୧ (ପୁରୁଷ) ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏହିଭଳି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ଛାତ୍ରମାନେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ସ୍ୱେଚ୍ଛାସେବୀମାନେ ବିଭିନ୍ନ କୌଶଳ ମାଧ୍ୟମରେ ଗ୍ରାମାଞ୍ଚଳ ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବାକୁ ସେ କହିଥିଲେ। ବିଶ୍ୱବିଦ୍ୟାଳୟ ନିଜ ଗାଁକୁ ପୋଷ୍ୟ ଗ୍ରାମଭାବେ ଗ୍ରହଣ କରିଥିବାରୁ ଅନୁଷ୍ଠାନକୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ରେଗଡ଼ା ସରପଞ୍ଚ ଜ୍ରୁଗୁଲୁ ଶବର ଧନ୍ୟବାଦ ଜଣାଇଥିଲେ। ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଶଶିଭୂଷଣ ମହାନ୍ତି, ବିଶ୍ୱବିଦ୍ୟାଳୟର ଡିନ୍ ଏକାଡେମୀ ଡ. ଏ.ଭି.ଏନ୍.ଏଲ୍. ଶର୍ମା, ପରୀକ୍ଷା ନିରୀକ୍ଷକ ପି. ବିଜୟ କୁମାର



ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ ୭ଦିନବ୍ୟାପୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଅଧାପିକା ଘନିଷ୍ଠା ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ସେହିପରି ନରସିଂହମୁଣ୍ଡା ଗ୍ରାମରେ ସେବା ଯୋଜନାର ୟୁନିଟ୍ ୨(ଛାତ୍ରୀ) ବିଭାଗ ପକ୍ଷରୁ ମଧ୍ୟ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଥିଲା। ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିପ୍ରଭା ମହାରଣା ପରିଚଳନା କରିଥିଲେ। ଏହି ଦୁଇଟି ଶିବିରରେ ବିଶ୍ୱବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଇଛନ୍ତି।

## ବିଫଳ ଡ୍ରେନେଜ୍ ବ୍ୟବସ୍ଥା, ଜମି ରହୁଛି ଅପରିଷ୍କାର ପାଣି

ତେନ୍ତୁଳିଖୁଣ୍ଟି, ୭ା୧(ଡି.ଏନ୍.ଏ.)

ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଫଳରେ ଗାଁରେ ଜମି ରହୁଛି ଅପରିଷ୍କାର ପାଣି। ଯାତାୟାତ ବେଳେ ଲୋକେ ଭୋଗୁଛନ୍ତି ସମସ୍ୟା। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏ ଦିଗରେ ଧ୍ୟାନଦେଇ କାମ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଗ୍ରାମ କୁମ୍ଭାରସାହି ଗାଁ । ଗାଁ ମଝିରେ ରହିଛି ନଳକୂପ। କିନ୍ତୁ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ନଳକୂପ ପାଖରୁ ଆବର୍ଜନା ପାଣି ବହି ଆସି ଗାଁ ମଝିରେ ଜମାହୋଇ ରହୁଛି। ଡ୍ରେନ୍ ପୋତି ହୋଇଥିଲେ ବି ଉପଯୁକ୍ତ ଭାବେ ସଫା ହେଉ ନ ଥିବାରୁ ଏହିଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ପାଣି ନିଷ୍କାସନ ନେଇ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଗାଁ ମଝିରେ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଜମି ରହୁଥିବା ଅପରିଷ୍କାର ପାଣି ହେତୁ ମଶାବଂଶ ବଢୁଛି। ଫଳରେ ଲୋକଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ହେବା ଆଶଙ୍କା ରହିଛି। ରାସ୍ତା ଉପରେ କୌଣସି ଗାଡ଼ି ଗଲାବେଳେ ଯଦି ପାଣି ଛିଟିକି ପଥଚାରୀଙ୍କ ଉପରେ ପଡୁଛି ତାହାକୁ ନେଇ ମଧ୍ୟ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ଦେଖାଦେଉଛି ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଡ୍ରେନ୍ ସଫାକରି ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଖାତିଗୁଡ଼ା ଗ୍ରାମର କୁମ୍ଭାରସାହି , ଦଳେଇସାହି , ହରିଜନସାହି, ପାଇକ ସାହି, ଗଉଡ଼ସାହିର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ସମସ୍ୟା ଭୋଗୁଛନ୍ତି। ଗାଁ ମଝି ଦେଇ ଯାଇଥିବା ନଳକୂପର ବିପରୀତରେ ଡ୍ରେନ୍ ଅଛି। ନଳକୂପ ସାଇଡ୍‌ରେ ଡ୍ରେନ୍ ନାହିଁ। ଗ୍ରାମର କେତେଜଣ ଯୁବକ ବିପରୀତ ଦିଗରେ ଥିବା ଡ୍ରେନ୍‌ରେ ଆବର୍ଜନା ପାଣିକୁ ଛାଡ଼ିଲେ କୁମ୍ଭାରସାହିର କେତେଜଣ ମାଟି ପକାଇ ତାହାକୁ ବନ୍ଦ କରି ଦେଉଛନ୍ତି।


ଗାଁରେ ଜମି ରହିଥିବା ଅପରିଷ୍କାର ପାଣି କାଦୁଅ ।

ଏହିଭଳି ବାରମ୍ବାର ହେଉଥିବାରୁ ପୂରା ଗାଁ ଏବେ କାଦୁଅରେ ଭର୍ତ୍ତି। ଏହାକୁ ନେଇ ତେନ୍ତୁଳିଖୁଣ୍ଟି ତହସିଲଦାର ପ୍ରଦୀପ କୁମାର କରଙ୍କୁ କହିବାରୁ ଉକ୍ତ ସ୍ଥାନକୁ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ସମାଧାନ କରାଯିବ ବୋଲି କହିଥିଲେ। ହେଲେ ଆଜକୁ ୩ ରୁ୪ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେନ୍ତୁଳିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ମଧ୍ୟ ଜଣାଇବାରୁ ଏ ଦିଗରେ କୌଣସି ସହଯୋଗ କରିପାରିବେ ନାହିଁ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଳକୂପ ଜଳ ପରିଚାଳନା ପାଇଁ ପଞ୍ଚାୟତ ସମିତି ଓ ପଞ୍ଚାୟତ ପାଣ୍ଠିରେ ସକ୍‌ପିଟ ପ୍ରକଳ୍ପ କରାଯାଇଛି। ଏଠାରେ କିନ୍ତୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ। ଏହି ପ୍ରକଳ୍ପ ହେଲେ କୁମ୍ଭାରସାହିରେ ସମସ୍ୟା ରହିବ ନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ବିଡିଓଙ୍କୁ ପଚାରିବାରୁ ସକ୍‌ପିଟ୍ କାମ ଯାହାକୁ ଦିଆଯାଇଥିଲା କାହିଁକି କରାଯାଉନାହିଁ ସେ ଜାଣିନାହାନ୍ତି। ତଥାପି କୁମ୍ଭାରସାହିର ଏହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।

## ଜିଲାର ୨ଜଣ ଜୋନ୍ ସ୍ତରକୁ ମନୋନୀତ

### ରାଜ୍ୟସ୍ତରୀୟ ୪୯ତମ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

ଉମରକୋଟ, ୭ା୧(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟସ୍ତରୀୟ ୪୯ତମ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ନବରଙ୍ଗପୁର ଜିଲାରୁ ୨ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଛାତ୍ରମାନେ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ୯ ତାରିଖରେ କୋଲକାତା ଅଭିମୁଖେ ବାହାରିବେ। ଜୋନ୍‌ସ୍ତରୀୟ ପ୍ରଦର୍ଶନୀ ୧୨ ତାରିଖରେ କୋଲକାତାରେ ହେବ। କୋଷାଗୁମୁଡ଼ା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମଝି ଧନୁଆ ବ୍ଲକର ମଦନ ଦୁରିଆ। ସେ ଜୋନାଲସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳାକୁ ମନୋନୀତ ହୋଇଛନ୍ତି। ସେହିପରି ରାଜ୍ୟସ୍ତରୀୟ ବିଜ୍ଞାନ କର୍ମଶାଳାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶାଶ୍ୱତ ପଟ୍ଟନାୟକ ପ୍ରଶ୍ନ ମଞ୍ଚ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ନୋଡାଲ ଅଧିକାରୀ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ୬ ଜଣ ଭାଗ ନେଇଛନ୍ତି। ବଦ୍ରିନାରାୟଣ ବିଶ୍ୱାଳ ସହକାରୀ ଶିକ୍ଷକ ପ୍ରକଳ୍ପ ଜୋନାଲସ୍ତରରେ ମନୋନୀତ ହୋଇଛନ୍ତି। ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ ରେଶମଲାଲ ନାୟକ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିମାନେ ଶାଶ୍ୱତ ପଟ୍ଟନାୟକଙ୍କୁ ପୁରସ୍କୃତ କରୁଛନ୍ତି ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବୈପାରିଗୁଡ଼ା,୭ା୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ଦଶମନ୍ତପୁର ପଞ୍ଚାୟତ ମହନ୍ତପୁଟ୍ଟଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗାଁର ଦୈତାରୀ ବାରିକଙ୍କ ପୁଅ ଈଶ୍ୱର (୧୩)। ପରିବାର ଲୋକଙ୍କ ସୂଚନାନୁଯାୟୀ, ଈଶ୍ୱର ଶନିବାର ଅପରାହ୍ନରେ ଶୌଚ ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ହୁଡ଼ା ଉପରେ ଈଶ୍ୱରଙ୍କ ପିନ୍ଧା ପୋଷାକ ପଡ଼ିଥିବା ଦେଖି ସେମାନେ ପାଣି ଭିତରେ ଖୋଜାଖୋଜି ଆରମ୍ଭ କରିଥିଲେ। ପୋଖରୀ ଭିତରୁ ଈଶ୍ୱରଙ୍କୁ ବେହୋସ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ଥାନାରେ ଏତଲା ଦେଇଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଛି। ଈଶ୍ୱର କାକଲପଡ଼ା ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିଲେ।

## ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଚଚରାଗୁଡ଼ା ଚାମ୍ପିୟନ

ଡାବୁଗାଁ, ୭ା୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ମିନିଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ଉପଲକ୍ଷେ ଚାଲିଥିବା ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତା ଶେଷ ଦିନରେ ଚଚରାଗଡ଼ା, ନନ୍ଦପୁରା, ବଡଓଲମା, କୋଇଲାରୀ, ମେଦନା ଓ ଡଙ୍ଗରିଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ନନ୍ଦପୁରା-ମେଦନା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନନ୍ଦପୁରା ୩-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚଟି ଚଚରାଗୁଡା- ବଡ଼ଓଲମା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚଚରାଗୁଡ଼ା ୩-୦ ଗୋଲରେ ବିଜୟୀ ହୋଇଥିଲା। ୧ମ ସେମିଫାଇନାଲ ମ୍ୟାଚଟି କୋଇଲାରୀ-ଡଙ୍ଗରିଗୁଡ଼ା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ କୋଇଲାରୀ ୫-୪ ଗୋଲରେ ବିଜୟୀ ହୋଇଥିଲା। ନନ୍ଦପୁରା-ଚଚରାଗୁଡ଼ା ଦଳ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ୨-୦ ଗୋଲରେ ବିଜୟୀ ହୋଇଛି। ଫାଇନାଲ ମ୍ୟାଚଟି ଚଚରାଗୁଡ଼ା-କୋଇଲାରୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚଚରାଗୁଡା ୩-୨ ଗୋଲରେ ବିଜୟୀ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଚଚରାଗୁଡ଼ା ଦଳକୁ ପ୍ରମାଣପତ୍ର ସହ ଟ୍ରଫି ଓ ରନର୍ସ ଅପ୍ କୋଇଲାରୀ ଦଳକୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବଳରାମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଚମ୍ପୁ ପୂଜାରୀଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ ଟ୍ରଫି ପ୍ରଦାନ କରଯାଇଥିଲା। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ଜିଲା ପରିଷଦ ସଭ୍ୟ -୧ ଧନସିଂ ଭତ୍ରା, ଜିଲା ପରିଷଦ ସଭ୍ୟ-୨ ଗୁପ୍ତା ବିଶୋଇ, ବ୍ଲକ ଅଧ୍ୟକ୍ଷ ବୀଣା ମାଝି, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ସାମଲ, ଉମାକାନ୍ତ ବିଶ୍ୱାଳ, ରଞ୍ଜନ କୁମାର ପରିଡ଼ା, ଭାଗବତ ପ୍ରସାଦ ମୁର୍ମୁ, ତ୍ରିନାଥ ପଣ୍ଡିଆ, ଅରୁଣ କୁମାର ହିଆଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିମାନେ।

## ନାଚଗୀତ, ଭୋଜିଭାତରେ ହେଲା 'ପୁଷ୍ ପରବ'

ଡାବୁଗାଁ, ୭ା୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଏକ ଆଦିବାସୀବହୁଳ ଜିଲା ହୋଇଥିବା ବେଳେ ଏଠିକାର ଆଦିବାସୀମାନଙ୍କ ଜୀବନ ଜୀବିକା ଓ ପର୍ବପର୍ବାଣି ମଧ୍ୟ ନିଆରା ଓ ଅତି ସରଳ। ବର୍ଷ ସାରା ଅନେକ ପର୍ବ ପଡ଼ିଥାଏ। ଯେତେବେଳେ ଆଦିବାସୀଙ୍କ ପର୍ବପର୍ବାଣି କଥା ପଡ଼େ ସେତେବେଳେ ମନରେ ଏକ କୌତୂହଳ ଦେଖାଦିଏ। ମଣ୍ଡେଇ, ଦଶହରା, ଦିଆଲି, ଟୋକିମାରା ପର୍ବ, ପୁଷ୍‌ପୁନି ଏମିତି ଅନେକ ପର୍ବପର୍ବାଣି ନବରଙ୍ଗପୁର ଜିଲାବାସୀ ପାଳନ କରିଥାନ୍ତି। ଏହିସବୁ ପର୍ବପର୍ବାଣି ମଧ୍ୟରେ କିଛି ପର୍ବ ସମଗ୍ର ଜିଲାବାସୀ ସାମୂହିକଭାବେ ପାଳନ କରୁଥିବା ବେଳେ କେତେକ ପର୍ବ ନିର୍ଦ୍ଦିଷ୍ଟ କିଛି ସମ୍ପ୍ରଦାୟର ଲୋକେ ପାଳନ କରିଥାନ୍ତି। କନ୍ଧ, ପରଜା ସମ୍ପ୍ରଦାୟର ଲୋକେ ଟୋକିମାରା, ପୁଷ୍‌ପୁନି ପର୍ବକୁ ଗୁରୁତ୍ୱ ଦେଇ ଧୁମଧାମରେ ପାଳନ କରିଥାନ୍ତି। କନ୍ଧ (ସାନ୍ତା ) ସମ୍ପ୍ରଦାୟର ଲୋକେ ପୌଷ ମାସ ପୂର୍ଣ୍ଣିମା ତିଥିକୁ ପୁଷ୍‌ପୁନି ପର୍ବ ଭାବରେ ପାଳନ କରିଥାନ୍ତି।

ଓଡ଼ିଶାରେ ପାଳିତ ହେଉଥିବା ସମସ୍ତ ପର୍ବପର୍ବାଣି ମଧ୍ୟରେ ଏହି ପର୍ବ ସାନ୍ତା ବା କନ୍ଧ ସମ୍ପ୍ରଦାୟର ମୁଖ୍ୟ ପର୍ବ। ଏହି ପର୍ବ ପାଇଁ ଘରଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କର ବିଭିନ୍ନ ରଙ୍ଗରେ ସଜେଇଥାନ୍ତି। ପୂର୍ଣ୍ଣମୀର ୭ଦିନ ପୂର୍ବରୁ ପ୍ରତି ଗ୍ରାମରେ ବସବାସ କରୁଥିବା କନ୍ଧ ସମ୍ପ୍ରଦାୟ ଲୋକେ ଏକ ବୈଠକ କରି ପର୍ବ ପାଇଁ ଚାନ୍ଦା ଆଦାୟ କରନ୍ତି ଓ ପୂର୍ବ ପ୍ରସ୍ତୁତିରେ ଲାଗିଯାଆନ୍ତି। ସମସ୍ତଙ୍କ ପାଇଁ ନୂତନ ପୋଷାକ ହୁଏ। ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ବ୍ୟକ୍ତି ଜଙ୍ଗଲକୁ ଯାଇ କାଠ ସଂଗ୍ରହକରି ଆଣି ଦେବୀଙ୍କ ପୀଠରେ ରଖନ୍ତି ଓ ସେହିଠାରେ ୭ ଦିନ ପର୍ଯ୍ୟନ୍ତ ନିଆଁ ଜାଳି ପ୍ରତି ପରିବାରର ଜଣେ ଜଣେ ବ୍ୟକ୍ତି ଓ ମହିଳା ରାତିରେ ଦଳବଦ୍ଧ ହୋଇ ଶୋଇବାର ପରମ୍ପରା ରହିଛି। ଯେଉଁ ପରିବାରରୁ କାଠ ଆସେ ନାହିଁ ସେହି ପରିବାରକୁ ଜରିମାନା ଦେବାକୁ ହୁଏ। ରାତିରେ ନାଚଗୀତର ଆସର ଜମେ। ଏହି ପର୍ବ ପାଳୁଥିବା ସମୟରେ ପରସ୍ପରକୁ ପସନ୍ଦ କରି ଝିଅ ପୁଅ ଫେରାର ହେଲେ ସେମାନଙ୍କୁ ସ୍ୱାମୀ ସ୍ତ୍ରୀଭାବେ ପରିଗଣିତ କରାଯାଏ। ସାନ୍ତା ଗ୍ରାମଗୁଡ଼ିକରେ ରାତିରେ କନ୍ଧ ସମ୍ପ୍ରଦାୟ ଲୋକେ ଗ୍ରାମରେ ବୁଲି ଛେଳି, ମେଣ୍ଢା, କୁକୁଡ଼ା, ବତକ ଓ ପନିପରିବା ସବୁ ଚୋରି କରିଥାନ୍ତି। ସେ ସବୁକୁ ଗାଁ ମୁଣ୍ଡରେ ଥିବା ଦେବୀଙ୍କ ପୀଠରେ ଠୁଳ କରାଯାଏ। ପୀଠରେ ଜଳୁଥିବା ନିଆଁରେ ରୋଷେଇ କରି ପ୍ରତି ପରିବାରକୁ ବାଣ୍ଟି ଦିଆଯାଏ। ପର୍ବ ଦିନ ଯିଏ ଯାହା ବି ଚୋରି କଲେ ତାକୁ ଏହି ପରବ ପାଇଁ କ୍ଷମା ଦିଆଯାଏ। ପର୍ବ ସମୟରେ ଗ୍ରାମକୁ କୌଣସି ଚିହ୍ନା କି ଅଚିହ୍ନା ଲୋକ ଯଦି ପ୍ରବେଶ କରନ୍ତି ତେବେ ତାକୁ ଶ୍ରଦ୍ଧାର ସହ ଖଟିଆରେ ବୋହି ଗାଁ ମୁଣ୍ଡରେ ଥିବା ପୀଠ ପର୍ଯ୍ୟନ୍ତ ନିଆଯାଏ। ସସମ୍ମାନେ ବସାଇବା ସହ ସେମାନଙ୍କୁ ଖାଇବାକୁ ଦିଆଯାଏ। ପ୍ରତି ପରିବାରରେ ପର୍ବ ପାଇଁ ମାଣ୍ଡିଆ ଜାଉ ବା ଲନ୍ଦା ତିଆରି ହୁଏ। ସାନ୍ତାମାନଙ୍କ ଦ୍ୱାରା ତିଆରି ଲନ୍ଦା ଏବଂ ପେଣ୍ଡମ ଗ୍ରାମକୁ ଆସୁଥିବା ଅତିଥି ତଥା ନିମନ୍ତ୍ରିତ ବନ୍ଧୁବାନ୍ଧବଙ୍କୁ ପରଷି ଦିଆଯାଏ । କେଉଁ ଆଦିମ କାଳରୁ କନ୍ଧ ସମ୍ପ୍ରଦାୟରେ ଏହି ପରମ୍ପରା ପାଳିତ ହେଉଛି। ଡାବୁଗାଁର ବିଭିନ୍ନ ସାନ୍ତା ଗାଁରେ ମଧ୍ୟ ଏହି ପର୍ବଟି ହର୍ଷ ଉଲ୍ଲାସରେ ପାଳିତ ହୋଇଛି।


ପିଲାମାନଙ୍କୁ ଖଟିଆରେ ବୋହି ଗାଁ ମୁଣ୍ଡରେ ଥିବା ପୀଠ ପର୍ଯ୍ୟନ୍ତ ନିଆଯାଉଛି।

**ଜିଲାସ୍ତରୀୟ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ**

କୋରାପୁଟ,(ସ୍ୱ.ପ୍ର.)-ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କୋରାପୁଟ ଜିଲା ଆନୁକୂଲ୍ୟରେ ଶିକ୍ଷକ ଭବନ କୋରାପୁଟଠାରେ ୭୮ତମ ଜିଲାସ୍ତରୀୟ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ହରିଜନ ସଂଘ ପତାକା ଉତ୍ତୋଳନ କରିଥିଲେ । ସମ୍ପାଦକ ରାଜେନ୍ଦ୍ର ସାହୁ କହିଥିଲେ, ଆଜି ଆମେ ଯାହା ବି ସଫଳତା ପାଇଛୁ ତାହା ସଂଘ ଯୋଗୁ ସମ୍ଭବ ହୋଇପାରିଛି। ମାଲକାନଗିରି ଦାୟିତ୍ୱରେ ଥିବା ରାଜ୍ୟ ଆଞ୍ଚଳିକ ସମ୍ପାଦକ ଗୋପାଳ ମିଶ୍ର, ଲକ୍ଷ୍ମଣ ସଗର, ଚିତ୍ତରଞ୍ଜନ ରଥ, ଗଜନି ଚନ୍ଦ୍ରଶେଖର ସହଯୋଗ କରିଥିଲେ । ସହ ସମ୍ପାଦକ ପ୍ରଦୀପ ମିଶ୍ର ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ଜିଲାସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦଘାଟିତ

କୁଡୁମୁଲଗୁମ୍ମା, ୭।୧(ଡି.ଏନ୍.ଏ.)-ସ୍ଥାନୀୟ ଡାରୱିନ ସ୍ମାରକୀ ମହାବିଦ୍ୟାଳୟ ଠାରେ ୩ଦିନିଆ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ରୂପେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଅମିତ୍ ଶର୍ମା ଯୋଗଦେଇ ରେଡ୍‌କ୍ରସ୍ ପତାକା ଉତ୍ତୋଳନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅଶୋକ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ସମ୍ପାଦକ ଡ. ରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଖଇରପୁଟ ପଞ୍ଚାୟତ ସମିତି ଅଧକ୍ଷ ବିଘ୍ନ କିରସାନି, ବିଡିଓ ହୃଦାନନ୍ଦ ସାହୁ, ଡ. ଥୃଙ୍ଗମ ଦେବକିଶୋର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୨୦ରୁ ଉର୍ଦ୍ଧ୍ୱ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଡ.ସ୍ୱାଇଁ ରେଡ୍‌କ୍ରସ୍‌ର ପ୍ରତିଷ୍ଠା, କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ଅଗ୍ନି ନିରାପତ୍ତା ସମ୍ପର୍କରେ କୁଡୁମୁଲୁଗୁମ୍ମା ଅଗ୍ନିଶମ ବିଭାଗର ଅବିନାଶ ଦାଶ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ପ୍ରାଥମିକ ଚିକିତ୍ସା, ରକ୍ତଦାନ ଶିବିର, ବିପର୍ଯ୍ୟୟ ପରିଚାଳନା, ଏଡ୍‌ସ ସଚେତନତା, ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହେବ। ଜିଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ଆଶିଷ ରାଠୋରଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ପରାମର୍ଶଦାତା, ଶିକ୍ଷାବିତ୍ ଭଗବାନ ସାହୁ, ଖବରଦାତା ଜ୍ୟୋତିରଞ୍ଜନ ବେହେରା, ବିଦ୍ୟାଧର ସାହାଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦେବୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ସମସ୍ତ ଶିକ୍ଷକଙ୍କୁ ଏକସୂତ୍ରରେ ବାନ୍ଧିରଖିଛି ସଂଘ

#### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ରାୟଗଡ଼ା ଅଫିସ,୭।୧- ରାୟଗଡ଼ା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ଶନିବାର ସ୍ଥାନୀୟ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ଆଞ୍ଚଳିକ ସମ୍ପାଦକ ସୁରେନ୍ଦ୍ର କୁମାର କୁଲଦୀପ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘିୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ରାଜ୍ୟ ସଂଘର ପୂର୍ବତନ ଉପ ସଭାପତି ଦାଶରଥି ରାଜଗୁରୁ, ପୂର୍ବତନ ଜିଲା ସଭାପତି ଅନନ୍ତ ଚରଣ ରଥ, ପୂର୍ବତନ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବ୍ଲକ ସଂଘ ସଭାପତି ଗୌରାଙ୍ଗ ବେବର୍ତ୍ତା ଓ ରାଜକିଶୋର ସାହୁ, ପ୍ରଭାକର ମିଶ୍ର, ଜିଲା ସଂଘର ସମ୍ପାଦକ ନୀଳାଞ୍ଚଳ ମିଶ୍ର, କାର୍ଯ୍ୟକାରୀ ସଭାପତି ନରେଶ ସିଂ, ଉପ ସଭାନେତ୍ରୀ ବି. ସୁଜାତା, ଉପସଭାପତି ଦୀପକ ରାଉତ, କାର୍ଯ୍ୟକାରୀ ସମ୍ପାଦକ ମହେନ୍ଦ୍ର ବାଗ, ସଙ୍ଗଠନ ସମ୍ପାଦକ ସାନନ୍ଦ ବେନିଆ, କୋଷାଧକ୍ଷ ନୀଳାଚଳ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ବିଭିନ୍ନ ବ୍ଲକର ସଂଘିୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟରେ ଶିକ୍ଷକଙ୍କୁ ବିଭିନ୍ନ ବର୍ଗରେ ଭାଗ କରି ସରକାର ତାରତମ୍ୟ ସୃଷ୍ଟି କରୁଥିବାବେଳେ ଏହି ସଂଘ ସମସ୍ତ ଶିକ୍ଷକଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖିଛି ବୋଲି ଏହି ଅବସରରେ ଶିକ୍ଷକମାନେ କହିଛନ୍ତି। ଏଥିସହ ସମସ୍ତେ କର୍ତ୍ତବ୍ୟବୋଧ ହେବା ସହ ଏକଜୁଟ ହୋଇ ରହିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଅପରାହ୍ନରେ ସଂଘିୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ବୈଠକ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ନରେଶ ସିଂ ଧନ୍ୟବାଦ ଦେଇଥିଲେ। ଫଟୋ-ବୈଠକରେ ରାଜ୍ୟ ସଂଘର ଆଞ୍ଚଳିକ ସମ୍ପାଦକ ଓ ସଦସ୍ୟମାନେ।

# କଡ଼ା ସୁରକ୍ଷା ବଳୟରେ ସରିଲା ମାଳିପର୍ବତ ଜନଶୁଣାଣି

**ମାଳିପର୍ବତରୁ ଖଣି ଖନନ ପ୍ରସଙ୍ଗ**
- ୮୦ ଜଣ ଗ୍ରାମବାସୀ କରିଥିଲେ ବିରୋଧ
- ମୁତୟନ ହୋଇଥିଲେ ୨୬ ପ୍ଲାଟୁନ ଫୋର୍ସ
- ୧୫ ସୁଦ୍ଧା ଜିଲା ପ୍ରଶାସନ ହାଇକୋର୍ଟଙ୍କୁ ଦେବ ରିପୋର୍ଟ

କୋରାପୁଟ/ସେମିଳିଗୁଡା/ସୁନାବେଡା, ୭।୧(ସ୍ୱ.ପ୍ର.)


ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ ।

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅଧୀନ ସେମିଳିଗୁଡା ତହସିଲ ଅନ୍ତର୍ଗତ ମାଳି ପର୍ବତରୁ ବକ୍‌ସାଇଟ ଖଣି ଖନନ ପାଇଁ ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ଜନଶୁଣାଣି ଶନିବାର ଶେଷ ହୋଇଛି । ମାଳିପର୍ବତର ପାଦଦେଶରେ ଥିବା କଙ୍କଡାମ୍ବ ପଡିଆରେ କଡା ସୁରକ୍ଷା ମଧ୍ୟରେ ଏହା ହୋଇଥିଲା। ପ୍ରଶାସନ ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତେବେ ଜନଶୁଣାଣି ବେଳେ ସାମାନ୍ୟ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ଖବରରୁ ପ୍ରକାଶ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆୟୋଜିତ ଏହି ଜନ ଶୁଣାଣିରେ ୪ଟି ପଞ୍ଚାୟତର ୧୯ଟି ଗ୍ରାମରୁ ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। ୮୦ ଜଣ ଗ୍ରାମବାସୀ ନିଜ ମତାମତ ଉପସ୍ଥାପନ କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ବ୍ୟକ୍ତି କମ୍ପାନୀକୁ ବିରୋଧ କରିଥିଲେ। ସେମାନଙ୍କ ମତରେ ମାଳି ପର୍ବତ ହେଉଛି ଆମ ମା'। ଏହି ଅଞ୍ଚଳରେ ସେମାନଙ୍କ ବିଭିନ୍ନ ଦେବଦେବୀ ସାଙ୍ଗକୁ ଚାଷଜମି, ନଦୀନାଳ ଓ ଚିରସ୍ରୋତା ଝରଣା ରହିଛି। ଏହା ସେମାନଙ୍କ ଜୀବନଧାରା। ତେଣୁ ମା' ପାଇଁ ଜୀବନ ଦେବୁ ପଛେ ଆମେ ଖଣି ଖନନକୁ ପ୍ରଶ୍ରୟ ଦେବୁନାହିଁ। ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଏ ସମ୍ପର୍କରେ ପୁଣି ଥରେ ଉପଯୁକ୍ତ ବିଚାର କରିବାକୁ ସେମାନେ ନିବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଜନଶୁଣାଣିରେ କୋରାପୁଟ ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର, ଜିଲାପାଳ


ଶୁଣାଣିରେ ଉପସ୍ଥିତ ଗ୍ରାମବାସୀ ।

ଅବଦଲ ଏମ. ଅଖତର, ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ଦିପେଶ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଡିଷ୍ଟ୍ରିକ୍ଟ ଲିଗାଲ ସେଲ ଅଥରିଟିର ସଚିବ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ସାଢେ ୧୧ଟାରେ ଜନ ଶୁଣାଣି ଆରମ୍ଭ ହୋଇଥିଲା । ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଜନ ଶୁଣାଣିରେ ହିଣ୍ଡାଲକୋ କମ୍ପାନୀ ଏଜିଏମ ସତ୍ୟ ପାତ୍ର ନିଜପକ୍ଷ ରଖି କହିଥିଲେ, ୨୦୦୭ରୁ ସରକାର ଖଣିଖନନ ଲାଗି ଲିଜ୍ ଦେଇଥିବା ଏହି ୨୮୬ ହେକ୍ଟର ଅଞ୍ଚଳରେ କୌଣସି ଜଙ୍ଗଲ ଜମି,ବୃକ୍ଷଲତା ନାହିଁ।

ଏଜିଏମ୍ ପାତ୍ରଙ୍କ ଏହି ମନ୍ତବ୍ୟକୁ ମାଳିପର୍ବତ ସୁରକ୍ଷା ସମିତି ସଭ୍ୟମାନେ ବିରୋଧ କରି ହୋହଲା କରିଥିଲେ। କମ୍ପାନୀ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ପରେ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀଙ୍କୁ ମାଳିପର୍ବତରୁ ଖଣିଖନନ ଦ୍ୱାରା ହେଉଥିବା ସୁବିଧା ଓ ଅସୁବିଧା ସମ୍ପର୍କରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ବୁଝାଇଥିଲେ। ଅନ୍ୟପକ୍ଷରେ କମ୍ପାନୀ କାର୍ଯ୍ୟ ଆରମ୍ଭ କଲେ ଯୁବପିଢ଼ି ରୋଜଗାରକ୍ଷମ ହେବା ସହ ଗମନାଗମନ, ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି ହେବ ବୋଲି ସପକ୍ଷବାଦୀମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ମାଳି ପର୍ବତ ଖଣି ଖନନକୁ ନେଇ ପ୍ରଥମେ ହୋଇଥିବା ଜନଶୁଣାଣି ଶିବିର ରଣକ୍ଷେତ୍ର ପାଲଟିଥିଲା। ପରେ କଡା ସୁରକ୍ଷା ବଳୟ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଅଳ୍ପସଂଖ୍ୟକ ଲୋକଙ୍କୁ ନେଇ ଶୁଣାଣି ହୋଇଥିଲା। ଏନେଇ କେତେ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସମସ୍ତଙ୍କୁ ନେଇ ଜନଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ପୋଲିସ ସୁରକ୍ଷାରେ ଶନିବାର ଜନଶୁଣାଣି ହୋଇଥିଲା। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ୨୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେମିଳିଗୁଡ଼ା, ସୁନାବେଡା, ଦାମନଯୋଡ଼ି ଓ ପଟ୍ଟାଙ୍ଗି ଥାନା ଅଧିକାରୀ, ସୁନାବେଡା ଏସ୍‌ଡିପିଓ ଉପସ୍ଥିତ ଥିଲେ। ଏସ୍‌ପି, ୬ ଜଣ ଡିଏସ୍‌ପି ଏବଂ ଜଣେ ଏଏସ୍‌ପି ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ପ୍ରକାଶ ଥାଉ କି, ଏହି ଜନଶୁଣାଣି ସମ୍ପର୍କିତ ରିପୋର୍ଟ ଜିଲା ପ୍ରଶାସନ ଆସନ୍ତା ୧୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ଦେବେ। ରିପୋର୍ଟ ପାଇବା ପରେ ଆସନ୍ତା ୩୦ରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି କରିବାର ରହିଛି।

### ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦିବସ ପାଳିତ



ମାଲକାନଗିରି,୭। (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ମାଲକାନଗିରି ସଦର ମହକୁମା ଜିଲା କାର୍ଯ୍ୟାଳୟଠାରେ ଶନିବାର ପାଳିତ ହୋଇଛି। ଜିଲା ସଭାପତି ତାରକ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଂଘ ପତାକା ଉତ୍ତୋଳନ କରିଥିଲେ। ଏହି ସଂଘ ପ୍ରତିଷ୍ଠା ହେବା ପରଠାରୁ ଜିଲାର ଶିକ୍ଷକମାନଙ୍କ ସମସ୍ୟା ସମାଧାନରେ ସଙ୍ଗଠନ କି ପଦକ୍ଷେପ ସବୁ ନେଇଛି ସେ ସମ୍ପର୍କରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବିଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନ କରା ଯିବ । ଏହା ଯେପରି ସଫଳ ହେବ ସେନେଇ ଜିଲାର ୨ ହାଜରରୁ ଉର୍ଦ୍ଧ୍ୱ ସଂଘ ସଦସ୍ୟା ସଦସ୍ୟ ଏକଜୁଟ ହେବାକୁ ଉପଦେଷ୍ଟା ପଟ୍ଟନାୟକ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପର୍ବତନ ସଭାପତି ରଞ୍ଜିତ ନାୟକ, ଉପଦେଷ୍ଟା ନାରାୟଣ ଭୋଲ, ଶିକ୍ଷକ ରାମପ୍ରସାଦ ପାଢୀ, ଚିତରଞ୍ଜନ ସରକାର, ସମୀର ରଥ, ଶ୍ରୀଧର ସାହୁ, ସିମାଞ୍ଚଳ ଭୁୟାଁ, ମନୋରଞ୍ଜନ ବେହେରା, ବିଜୟ ମିସ୍ତ୍ରି, ବସନ୍ତ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୁଷ୍ଟି ପ୍ରୟାସ କାର୍ଯ୍ୟକ୍ରମରେ ଯନ୍ତ୍ରୀରେ ଆରମ୍ଭ ହେଲା ମାଣ୍ଡିଆ ମଣ୍ଡି

ଚିତ୍ରକୋଣ୍ଡା,୭।୧(ଡି.ଏନ.ଏ.)

ଘରେ ଘରେ ପୁଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଶନିବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତର ଯନ୍ତାପାଇ ଗ୍ରାମରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ଯୋଗାଉଥିବା ଶସ୍ୟ, ପନିପରିବା ଚାରା ସ୍ୱାଭିମାନଅଞ୍ଚଳବାସୀଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ସେକ୍ରେଟାରୀ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ଜିଲାପାଳ ବିଶାଲ ସିଂ, ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ, ଜିଲା ସ୍ୱତନ୍ତ୍ର ଆଦିବାସୀ ପରିଷଦ ଅଧକ୍ଷ ଆଡମା ରାବା, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶା ମିଲେଟ ମିଶନ କାର୍ଯ୍ୟକ୍ରମ ସହାୟତାରେ ଜିଲା ଟିଡିସିସି ଆନୁକୂଲ୍ୟରେ, ଆରଏମସି ଓ ଶିଶୁ ଓ ମହିଳା କଲ୍ୟାଣ ସମିତି ସହଯୋଗରେ ଚାଷୀଙ୍କ ଉପସ୍ଥିତିରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ଦିନରେ ମଣ୍ଡିରେ କି.ଗ୍ରା. ପ୍ରତି ୩୫ ଟଙ୍କା ଦରରେ ଏକ ଶହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଣ୍ଡିଆ ମଣ୍ଡିରେ ବିକ୍ରି ହୋଇଥିବା ଜଣାପଡିଛି। ମାଲକାନଗିରି ଜିଲାରେ ଜିଲା କୃଷି ବିଭାଗ, ୱାସନ ଅନୁଷ୍ଠାନ ଓ ଆତ୍ମା ସହାୟତାରେ ମିଲେଟ ମିଶନ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଓ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ମାଣ୍ଡିଆ ଚାଷ ହୋଇଆସୁଛି। କାର୍ଯ୍ୟକ୍ରମକୁ ଜିଲା କୃଷି ଅଧିକାରୀ ଡାକ୍ତର ଆର. ହୟଗ୍ରୀବ, ବ୍ଲକ କୃଷି ଅଧିକାରୀ ପରମେଶ୍ୱର ଜେନା ଓ ଶିଶୁ ଓ ମହିଳା କଲ୍ୟାଣ ସମତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

## ନୂତନ ବନରକ୍ଷୀ ବାସଗୃହ ଉଦ୍‌ଘାଟିତ


ବନରକ୍ଷୀଙ୍କ ପାଇଁ ଉଦ୍‌ଘାଟିତ ହୋଇଥିବା ନୂତନ ବାସଗୃହ ।

ମାଲକାନଗିରି, ୭ ୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଚିଦାନନ୍ଦ ସାହସ୍ଥିତ ପୁରୁଣା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବନରକ୍ଷୀପାଇଁ ନିର୍ମିତ ୨ଟି ନୂତନ ବାସଗୃହକୁ ଡିଏଫଓ ପ୍ରତାପ କତାପାଲ୍ଲି ଉଦ୍‌ଘାଟନ କରିଥିଲେ। ବନରକ୍ଷୀମାନଙ୍କ ରହିଥିବା ବାସଗୃହ ସମସ୍ୟା ଏବେ ଦୂର ହୋଇଛି ବୋଲି ଏହି ଅବସରରେ ଡିଏଫଓ କତାପାଲ୍ଲି କହିଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ଥିବା ବାସଗୃହ ଗୁଡିକ ତୁରନ୍ତ ସମ୍ପୂର୍ଣ କରାଯିବା ସହ ନୂତନ ଗୃହ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।

### ଜାତୀୟସ୍ତରୀୟ ସାମରିକ କଳା ପ୍ରତିଯୋଗିତା

#### କୋରପୁଟ ଜିଲାକୁ ୩ପଦକ

କୋରାପୁଟ,୭।୧(ସ୍ୱ.ପ୍ର.)

ଜମ୍ମୁକଶ୍ମୀରର ଭଗବତୀ ନଗରସ୍ଥିତ କ୍ରୀଡା ଷ୍ଟାଡିୟମରେ ଗତ ୩୦ଠାରୁ ଜାନୁଆରୀ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୨୩ ତମ ଜାତୀୟସ୍ତରୀୟ ସାମରିକ କଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୋରାପୁଟ ଜିଲାର ପ୍ରତିଯୋଗୀଙ୍କୁ ୩ଟି ପଦକ ମିଳିଛି। ଦେଶର ସବୁ ରାଜ୍ୟରୁ ୩ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କୋରାପୁଟ ଜିଲାରୁ ୨ ଜଣ ଭାଗ ନେଇଥିଲେ । ପ୍ରତିଯୋଗୀ ଯୋଗେଶ୍ୱର ବେହେରା କାଟାରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ କୁମାରୀ କୁନ୍ଦ ମାଝୀ କାଟାରେ ରୌପ୍ୟ ପଦକ ଏବଂ ଦଳ କାଟାରେ କାଂସ୍ୟ ପଦକ ପାଇଥିଲେ। ଦଳ ମୋଟ ୫୨ଟି ପଦକ ହାସଲ କରି ୨ୟ ସ୍ଥାନରେ ରହିଛି। ଦଳର ମୁଖ୍ୟ ଏସ.କେ. ସାଲାଉଦ୍ଦିନ ଏବଂ କୋଚ ଏକାଦଶୀ ବେହେରାଙ୍କ ତତ୍ତ୍ୱାବଧାନରେ ଖେଳାଳି ଏହି ସଫଳତା ପାଇଛନ୍ତି।

## ଜଣକୁ ବଦଳି, ଅନ୍ୟ ଜଣେ ଦାୟିତ୍ୱରୁ ହଟିଲେ

**ନିଯୁକ୍ତି ଆଳରେ ଠକେଇ**

କୋରାପୁଟ, ୭।୧(ସ୍ୱ.ପ୍ର.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ଓଏଲଏମ୍‌ର ୨ଜଣ କର୍ମଚାରୀ ସ୍ଥାନୀୟ ଅଞ୍ଚଳର କେତେକ ଏସ୍‌ଏଚଜି ଏବଂ ବହୁ ଗରିବ ଲୋକମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା କରାଇଦେବା ନାମରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହୋଇଥିଲା । ଏନେଇ ଅଭିଯୋଗ ଶୁଣାଣିରେ ଜିଲାପାଳ ମହମ୍ମଦ ଅବଦୁଲ ଅଖତରଙ୍କୁ ଲୋକମାନେ ଭେଟି ଓଏଲଏମର ପାଣ୍ଡବ ମଲ୍ଲିକ ଓ ଏମବିକେ ସୁକାନ୍ତି ଗରଡ଼ାଙ୍କ ଦୁର୍ନୀତି ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଜିଲାପାଳ ବିପିଏମ ପାଣ୍ଡବ ମଲ୍ଲିକଙ୍କୁ କୋରାପୁଟ ଡିଆରଡିଏକୁ ବଦଳି କରିଥିବା ବେଳେ ଏମବିକେ ସୁକାନ୍ତି ଗରଡାଙ୍କୁ ନିଜ ଦାୟିତ୍ୱରୁ ହଟାଇଥିବା ବିଡ଼ିଓ ଆକାଶ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଉଭୟେ ସିଆରପି,ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ରରେ ନୂତନ ନିଯୁକ୍ତି ଦେବାକୁ ଉଭୟେ ଲୋକଙ୍କଠାରୁ ୧୦ ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନେଇଥିଲେ। ଏବେ ଏମବିକେ ଗରଡାଙ୍କ ବହିଷ୍କାର ପରେ ଲୋକେ ଓ ଏସ୍‌ଏଚଜି କିପରି ଟଙ୍କା ଫେରି ପାଇବେ ସେନେଇ ଚିନ୍ତାରେ ଅଛନ୍ତି।

## ନାଲ୍‌କୋର ୪୩ ତମ ପ୍ରତିଷ୍ଠା ଦିବସ ପାଳିତ

ଦାମନଯୋଡି, ୭।୧(ଡି.ଏନ୍.ଏ.)

ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ୪୩ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦାମନଯୋଡ଼ିର ଆରାଧ୍ୟା ଦେବୀ ମାଁ କଣ୍ଟାବାଉଁଶୁଣୀଙ୍କ ଠାରେ ନାଲକୋ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ନାଲକୋ ମାନବ ସମ୍ବଳ ବିଭାଗ ଅଡିଟୋରିୟମ ଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନାଲକୋର ସଫଳତା ପାଇଁ ସବୁ କର୍ମଚାରୀ, ଶୁଭେଚ୍ଛୁ, ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶ୍ରେୟ ଦେଇଥିଲେ। ନାଲକୋ ପାରିପାର୍ଶିକ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ନିମନ୍ତେ ସହାୟକ ହୋଇପାରିଛି। ସେହିପରି ରାଜ୍ୟ ଓ ଦେଶର ରାଜକୋଷକୁ ସମୃଦ୍ଧ ନିମନ୍ତେ ଯୋଗଦାନ କରିଛି ବୋଲି ସେ କହିଥିଲେ।

ଉତ୍ସବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ କୌଣସି ଶିଳ୍ପ ସଂସ୍ଥାର କର୍ମସଂସ୍କୃତି ପ୍ରତି ଅଧିକ ଯତ୍ନବାନ ହେଲେ ସଫଳତା ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଥିଲେ। ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର(ମାନବ ସମ୍ବଳ ଓ ପ୍ରଶାସନ) ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଖପାଖର ବୟୋଜ୍ୟେଷ୍ଠ ମହିଳାଙ୍କୁ 'ମାତୃ ପୂଜନ' କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଇ ଉପହାର ପ୍ରଦାନ କରାଯାଇଥିଲା। ନାଲକୋର ସମସ୍ତ ୧୩ ୟୁନିୟନ ଓ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ୧୪ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନାଲ୍‌କୋର ଅନ୍ୟ ସମୂହ ମହାପ୍ରବନ୍ଧକ ପ୍ରମୋଦ କୁମାର ବେହେରା, ହର ପ୍ରସାଦ ଦାଶ, ସରୁପ ମିଶ୍ର , ହିମାଂଶୁ ପଣ୍ଡା, ନିହାର ରଞ୍ଜନ ମହାନ୍ତି, ଆର୍. ୱାରିସ, ନାଲକୋର ବରିଷ୍ଠ ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ନାଲକୋ କର୍ମଚାରୀ, ବିଭିନ୍ନ ଶ୍ରମିକ ସଙ୍ଗଠନ, ୟୁନିୟନ ଓ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନାଲକୋ ପ୍ରତିଷ୍ଠା ଦିବସ ସମାରୋହରେ ନାଲକୋର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କ ବାର୍ତ୍ତାକୁ ଜିଜିଏମ୍ ବିଚ୍ଛନ୍ଦ ଚରଣ ଦାଶ ପାଠ କରିଥିଲେ। ଜିଜିଏମ୍ ସରୋଜ ନାଥ ଧନ୍ୟବାଦ ଦେଇଥିଲେ। ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଅଧିକାରୀ ଅରୁଣ କୁମାର ମହାନ୍ତି ପରିଚାଳନା କରିଥିଲେ। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ପାଢ଼ୀ ନାଲକୋ ଏସ୍‌ସି/ଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘ କାର୍ଯ୍ୟାଳୟଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଓ ସେକ୍ଟର-୩ ଠାରେ ଉନ୍ନତି କରାଯାଇଥିବା ବସଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ସେକ୍ଟର-୨ ଚତୁର୍ଦ୍ଧା ମୂର୍ତ୍ତି ସୁନାବେଶ କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ହୋଇଥିଲା।

## ପୋଲିସ ସୁରକ୍ଷାରେ କୋଟିଆରେ ଆନ୍ଧ୍ର କଲା ସ୍ୱାସ୍ଥ୍ୟ ଶିବିର

**ଶୁକ୍ରବାର ପୋଲିସର ବିରୋଧ ଯୋଗୁ ଫେରିଯାଇଥିଲା**

ପଟ୍ଟାଙ୍ଗି, ୭।୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆରେ ଶୁକ୍ରବାର ପୋଲିସର ବିରୋଧ ଯୋଗୁ ସ୍ୱାସ୍ଥ୍ୟସେବା ଶିବିର କରି ନ ପାରି ଫେରି ଯାଇଥିବା ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଶନିବାର ପୁଣି ସୀମାନ୍ତ ଗ୍ରାମ ଉପରସେମ୍ବିରେ ଅନୁପ୍ରବେଶ କରିଛି। ପୋଲିସ ସହାୟତାରେ ଏଠାରେ ସ୍ୱାସ୍ଥ୍ୟସେବା ଶିବିର କରି ଲୋକଙ୍କୁ ଔଷଧ ବଣ୍ଟନ କରି ଫେରିଛି। ଏପରି ପଦକ୍ଷେପ ନେଇ କୋଟିଆ ପୋଲିସକୁ ଆନ୍ଧ୍ର ଏକ ପ୍ରକାର ଚ୍ୟାଲେଞ୍ଜ ଦେଇଛି।

ଖବରରୁ ଜଣାପଡିଛି, କୋଟିଆ ପଞ୍ଚାୟତ ପାଇଁ ଆନ୍ଧ୍ର ପକ୍ଷରୁ ନିଯୁକ୍ତି ପାଇଥିବା ସିଆଇ ରୋହିନି ପାଥି ଓ କିଛି ପୋଲିସ କର୍ମଚାରୀଙ୍କୁ ଧରି ଆସି ଉପରସେମ୍ବି ଗ୍ରାମରେ ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ ଟିମ୍ ସ୍ୱାସ୍ଥ୍ୟ ସେବା ଶିବିର କରିଥିଲା। ୭୦ଜଣ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ। ଏହି ଅବସରରେ ସିଆଇ ପାଥି ଲୋକଙ୍କୁ ଭୟଭୀତ ନ ହେବାକୁ ବୁଝାଇଥିଲେ। ସେ କହିଥିଲେ, କୋଟିଆ ପଞ୍ଚାୟତକୁ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅଧିକାରୀ ପ୍ରବେଶ କରିବାର ଅଧିକାର ରହିଛି। ସବୁବେଳେ ଆନ୍ଧ୍ର ସରକାର ତୁମମାନଙ୍କୁ ସହଯୋଗ କରି ଆସୁଛନ୍ତି। ତୁମମାନଙ୍କ ଉନ୍ନତି ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି କହିଥିଲେ। ୨୪ ଘଣ୍ଟା ନ ପୂରୁଣୁ ଆନ୍ଧ୍ରର ଏପରି ଜବାବ ଓଡ଼ିଶା ପୋଲିସ, ଜିଲା ଓ ବ୍ଲକ ପ୍ରଶାସନ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏନେଇ କୋଟିଆ ଥାନା ଅଧିକାରୀ କପିଳେଶ୍ୱର ବେହେରାଙ୍କୁ ପଚାରିବାରୁ ସେ କହିଲେ, ଆମେ ଅନ୍ୟତ୍ର ଡିୟୁଟିରେ ଯାଇଥିଲୁ। କୋଟିଆରେ କେହି ନ ଥିବା ବେଳେ ଏହାର ସୁଯୋଗ ନେଇ ଆନ୍ଧ୍ର କର୍ମଚାରୀ ଏପରି କାର୍ଯ୍ୟ କରି ଫେରି ଯାଇଛନ୍ତି। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓଙ୍କୁ ପଚାରିବା ଲାଗି ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।


ସ୍ୱାସ୍ଥ୍ୟସେବା ଶିବିରରେ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

